To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-16, Issue No.121, ଭଦ୍ରକ, ସୋମବାର, ୨୯, ଅକ୍ଟୋବର ୨୦୧୮ ■ Bhadrak Monday, 29 October 2018 Rs. 2.00 Pages-8

ଜାମ୍ମୁ-କାଶ୍ମୀରରେ ସିଆଇଡି ଅଫିସରଙ୍କୁ ହତ୍ୟା କଲେ ଆତଙ୍କୀ

ସହିଦ୍ ବ୍ରଜମୋହନଙ୍କ ପାର୍ଥିବ ଶରୀର ଗାଁରେ ପହଞ୍ଚିଲା

ରାୟପୁର/ଭୁବନେଶ୍ୱର, ୨୮।୧୦ (ସକାଳ ଖବର): ଛତିଶଗଡ଼ରେ ମାଓବାଦୀଙ୍କ ଆକ୍ରମଣରେ ସହିଦ୍ ୪ ଯବାନଙ୍କୁ ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସେଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସହିଦ୍ ମାନେ ହେଲେ ସିଆରପିଏଫ ଏଏସଆଇ ମୀର୍ ମାତୁଇର ରେହେମାନ, ହେଡ୍ କନେଷ୍ଟବଲ ବ୍ରଜମୋହନ ବେହେରା, କନେଷ୍ଟବଲ ଛତି ପ୍ରବୀଣ ଏବଂ ଜି. ଶ୍ରୀନୁ । ଗତକାଲି ଆଇଡି ବିସ୍ଫୋରଣରେ ସମ୍ପୃକ୍ତ ୪ ଜଣ ଯବାନ ସହିଦ୍ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଥିଲେ । ଗୁରୁତର ଦୁଇ ଯବାନଙ୍କୁ ଉଦ୍ଧାର ପରେ ମେଡିକାଲରେ ଭର୍ତ୍ତି କରାଯାଇଛି । ବିଜାପୁର ମୁରଡାଣ୍ଡା ସିଆରପିଏଫ କ୍ୟାମ୍ପ ଠାରୁ ମାତ୍ର ୧ କି.ମି. ଦୂର ଟିମାପୁର ରାସ୍ତାରେ ଘଟିଥିଲା ଏହି ବିସ୍ଫୋରଣ । ଯବାନ ମାନେ ସର୍ଚ୍ଚ ଅପରେସନରେ ବୁଲେଟ୍ ପ୍ରୁଫ୍ ଭ୍ୟାନରେ ଯାଉଥିବା ବେଳେ ମାଓବାଦୀମାନେ ଘଟାଇଥିଲେ ଏହି ବିସ୍ଫୋରଣ । ବିସ୍ଫୋରଣ ପରେ ବୁଲେଟ୍ ପ୍ରୁଫ୍ ଭ୍ୟାନ୍ ଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର୍ ହୋଇଯାଇଥିଲା ।
ଅନ୍ୟପକ୍ଷରେ ଯବାନଙ୍କ ମୃତ୍ୟୁ ଖବର ପହଂଚିବା ପରେ ସେମାନଙ୍କ ପରିବାରରେ ଖେଳିଯାଇଛି ଶୋକର ଛାୟା । ଓଡ଼ିଶାରୁ ସହିଦ୍ ହୋଇଥିବା ଯବାନ ବ୍ରଜମୋହନ ବେହେରାଙ୍କ ଗ୍ରାମରେ ମଧ୍ୟ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ । କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ନନ୍ଦୁଆଁ ଗ୍ରାମର ବ୍ରଜମୋହନ ସିଆରପିଏଫ ୧୬୮ ବାଟାଲିୟନରେ **(ପୃଷ୍ଠା-୭)**

ପତ୍ନୀଙ୍କୁ ଫୋନ୍‌ରେ ତିନ୍ ତଲାକ

କେନ୍ଦ୍ରାପଡ଼ା, ୨୮।୧୦ (ସକାଳ ଖବର): ମଧ୍ୟପ୍ରଦେଶ ପରେ ଓଡ଼ିଶାରୁ ଆସିଲା ତିନ୍ କଲାକ୍' କହି ଛାଡ଼ପତ୍ର ଦେଇଥିବାର ଅଭିଯୋଗ । କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ବାଲିସାହିର ତକ୍‌ସୀମା ଖାତୁନଙ୍କୁ ତାଙ୍କ ସ୍ୱାମୀ ସେକ୍ ରିଜା ଅହମ୍ମଦ ଫୋନ୍‌ରେ ୩ ଥର ତଲାକ୍ କହି ଛାଡ଼ପତ୍ର ଦେଇଥିବା ଅଭିଯୋଗ ହୋଇଛି । ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ନ୍ୟାୟ ଅପେକ୍ଷାରେ ରହିଛନ୍ତି ତକ୍‌ସୀମା । ସେକ୍ ରିଜା ଅହମ୍ମଦ ପଞ୍ଜାବରେ ରଙ୍ଗ ମିସ୍ତ୍ରୀ ଭାବେ କାମ କରନ୍ତି । ସେ ଗତ ୧୦ ତାରିଖରେ ତାଙ୍କୁ ଫୋନ୍ କରି ତିନି ଥର ତଲାକ୍ କହି ଛାଡ଼ପତ୍ର ଦେଇଥିବା ତକ୍‌ସୀମା ଅଭିଯୋଗ କରିଛନ୍ତି । ସ୍ୱାମୀଙ୍କଠାରୁ ଏଭଳି ଅପ୍ରତ୍ୟାଶିତ ଢଙ୍ଗରେ ତଲାକ୍ ପାଇ ଭାଙ୍ଗି ପଡ଼ିଛନ୍ତି ତକ୍‌ସୀମା । ୮ ମାସ ତଳେ ଆଳି ଚଉଦକୁଳାଟ ଚନ୍ଦନପୁର ଗାଁର ସେକ୍ ରିଜାଙ୍କୁ ବିବାହ କରିଥିଲେ ତକ୍‌ସୀମା । ବିବାହ ସମୟରେ ବର ପକ୍ଷରୁ ଦାବି ମୁତାବକ ସମସ୍ତ ଯୌତୁକ ଓ ଗହଣାଗାଣ୍ଠି ଦିଆଯାଇଥିଲା । ତେବେ ଏକ ବୁଲେଟ୍ ବାଇକ କିଣିବା ଲାଗି ବାପଘରୁ ଟଙ୍କା ଆଣିବାକୁ ତକ୍‌ସୀମାଙ୍କ ଉପରେ ଚାପ ପ୍ରୟୋଗ କରିଆସୁଥିଲେ ରିଜା । ତେବେ ତକ୍‌ସୀମା ଟଙ୍କା ଆଣିବାରେ ବିଫଳ ହେବାରୁ ଶାଶୁଘର ଲୋକ ତାଙ୍କୁ ବାପଘରକୁ ପଠାଇ ଦେଇଥିଲେ ।

ଆଜି ଭଦ୍ରକ ବନ୍ଦ

ଭଦ୍ରକ,୨୮।୧୦(ସକାଳ ଖବର): ଭଦ୍ରକରେ ମେଡିକାଲ୍ ପ୍ରତିଷ୍ଠା ଦାବି ନେଇ ଆସନ୍ତାକାଲି ଭଦ୍ରକ ବନ୍ଦ ଡାକରା ଦିଆଯାଇଛି । ଆସନ୍ତା କାଲି ହେବାକୁ ଥିବା ଭଦ୍ରକ ବନ୍ଦ ପରିପ୍ରେକ୍ଷିରେ ଆଜି ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଦସ୍ୟଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃସ୍ଥାନୀୟ ବ୍ୟକ୍ତି ବିଶେଷ,ବ୍ୟବସାୟ ସଂଘ ପକ୍ଷରୁ ଏହି ବନ୍ଦକୁ ସଫଳ କରିବା ପାଇଁ ଅନୁରୋଧ କରାଯାଇଛି । ବିଜୁ ଭବନ ପରିସରରେ ଆୟୋଜିତ ପ୍ରେସ ମିଟ୍ ରେ ଏହି ବନ୍ଦକୁ ସବୁ ଶ୍ରେଣୀରୁ ସହଯୋଗ ମିଳିବା ନେଇ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଅଛି । ସକାଳ ୬ ଘଟିକାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ହେବାକୁ ଥିବା ଏହି ବନ୍ଦ ପାଳନରେ ସମସ୍ତ ମାଟି ମା ପ୍ରେମୀ ଜନସାଧାରଣ ସକ୍ରିୟ ଭୂମିକା ଲିଭାଇବାକୁ ସମାଜସେବୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରେସ ମିଟ୍ ରେ ଅନୁରୋଧ କରାଯାଇଛି । ବ୍ଲକ କଂଗ୍ରେସ ସଭାପତି ରଜନୀ ଚନ୍ଦ ଉପସ୍ଥିତ ରହି ଏହି ବନ୍ଦକୁ ସମଗ୍ର ବ୍ଲକରେ କଂଗ୍ରେସ ସହଯୋଗ କରିବ ବୋଲି ମତ ରଖିଥିବା ବେଳେ ପୁର୍ବରୁ ଜିଲ୍ଲା ବିଜେପି **(ପୃଷ୍ଠା-୭)**

ମୋଦିଙ୍କ ମନ୍ କି ବାତ୍

ଓଡ଼ିଶାର ଐତିହ୍ୟକୁ ପ୍ରଶଂସାରେ ପୋତି ପକାଇଲେ

ନୂଆଦିଲ୍ଲୀ, ୨୮।୧୦ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆଜି ତାଙ୍କର ୪୯ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଓଡ଼ିଶା ଐତିହ୍ୟକୁ ପ୍ରଶଂସାରେ ପୋତି ପକାଇଛନ୍ତି । ଓଡ଼ିଶା ସମ୍ପର୍କରେ ଅନେକ କଥା ଉଲ୍ଲେଖ କରିଛନ୍ତି । କୋଣାର୍କ ପୁରୀ ଓ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଥିବା ପୁରୁଷ ବିଶ୍ୱକପ୍ ହକିର ସଫଳତା କାମନା କରିଛନ୍ତି । ସେ କହିଛନ୍ତି ଯେ, କଳା, ସାହିତ୍ୟ, ଭାସ୍କର୍ଯ୍ୟ, ସଂସ୍କୃତି, ସ୍ଥାପତ୍ୟ ତଥା ଐତିହ୍ୟ ସମ୍ପନ୍ନ ଓଡ଼ିଶା ରାଜ୍ୟର ଏକ ଗୌରବପୂର୍ଣ୍ଣ ଇତିହାସ ରହିଛି । ଓଡ଼ିଶାରେ ଯେଉଁ ହକି ବିଶ୍ୱକପ୍ ଆୟୋଜିତ ହେବାକୁ ଯାଉଛି ତାହା ଓଡ଼ିଶା କ୍ରୀଡ଼ାବିତଙ୍କ ପାଇଁ ଏକ ସୁଯୋଗ ଆଣିଛି ।

ହାତୀ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

- ଘଟଣାସ୍ଥଳ ଅନୁଧାନ କରିବେ କ୍ରାଇମବ୍ରାଞ୍ଚର ୪ ଜଣିଆ ଟିମ୍
- ମହାବଳ ବାଘର ଗଳିତ ମୃତଦେହ ଠାବ
- ମୃତ୍ୟୁର କାରଣ ଅସ୍ପଷ୍ଟ



ଭୁବନେଶ୍ୱର, ୨୮।୧୦ (ସକାଳ ଖବର): ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ କମଳାଙ୍ଗ ଠାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ସାତୋଟି ହାତୀ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ଘଟଣାର କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । କ୍ରାଇମବ୍ରାଂଚ ଟିମ୍ ତଦନ୍ତ କରି ପ୍ରାଥମିକ ରିପୋର୍ଟ ଦେବା ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ । ଶୁକ୍ରବାର ରାତିରେ କମଳାଙ୍ଗ ନିକଟରେ ରେଳ ଲାଇନ୍ ପାର ହେଉଥିବା ବେଳେ ୧୩ଟି ହାତୀ ମଧ୍ୟରୁ ୭ଟି ହାତୀ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲେ । ତେବେ ସେଠାଁରେ ଯାଇଥିବା ବିଦ୍ୟୁତ ତାର କମ ଉଚ୍ଚତାରେ ଥିଲା । ଉଲ୍ଲେଖନୀୟ ଯେ ହାତୀ ମୃତ୍ୟୁବରଣ କରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପଦକ୍ଷେପ ସ୍ୱରୂପ ଶନିବାର ୬ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି ଓ ଜଣଙ୍କୁ କିରୀରୁ ବହିଷ୍କାର କରିଦିଆଯାଇଛି । ବନ ବିଭାଗର ତିନି ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଲମ୍ବିତ କରା ଯାଇଥିବା ବେଳେ ବିଦ୍ୟୁତ ବିଭାଗର ତିନି ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଲମ୍ବିତ କରା ଯିବା ସହ ଜଣଙ୍କୁ ଚାକିରୀରୁ ବହିଷ୍କାର କରା ଯାଇଛି । ନିଲମ୍ବିତ ଅଧିକାରୀମାନେ ହେଲେ ସେସୁର ଅଧିକ୍ଷଣ ଯନ୍ତ୍ରୀ ନରେଶ ପଟ୍ଟନାୟକ, ଇଁପାଳ ଏସଡିଓ ଆର୍ତ୍ତରାଣ ନାୟକ, ଢେଙ୍କାନାଳ ରେଞ୍ଜ ଅଫିସର ପ୍ରସନ୍ନ ବିଶ୍ୱାଳ, ମେରାମୁଣ୍ଡଳୀ ସେକ୍ସନର ଲାଇନମ୍ୟାନ ଫିରୋଜ ପଣ୍ଡା, ମେରାମୁଣ୍ଡଳୀ ପ୍ରଭାକର ରଣା ଓ ଫରେଷ୍ଟ ଗାର୍ଡ ଗିରୀଶ ଚନ୍ଦ୍ର ଦେହୁରୀ । ସେହିପରି ମେରାମଣ୍ଡଳି କନିଷ୍ଠ ଅଧିକାରୀ ସଞ୍ଜୟ ମହାନ୍ତିଙ୍କୁ କିରିରୁ ବହିଷ୍କାର କରାଯାଇଛି । କର୍ତ୍ତବ୍ୟରେ ଅବହେଳା ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅନ୍ୟପକ୍ଷରେ ତାଙ୍କ ନିର୍ଦ୍ଦେଶରେ ଆଜି କ୍ରାଇମବ୍ରାଂଚ ଏସପି ସନ୍ଦିପ ମାଡେକରଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ଘଟଣାସ୍ଥଳକୁ ଅନୁଧାନ କରିବା ପାଇଁ ଯାଇଛନ୍ତି ବୋଲି କ୍ରାଇମବ୍ରାଂଚ ଏଡିଜି ସନ୍ତୋଷ ଉପାଧ୍ୟାୟ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଏହି ଟିମ୍ ଆଗାମୀ ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ । ଅପରପକ୍ଷରେ ବରଗଡ଼ ଜିଲ୍ଲାର ଭଟଲି ବ୍ଲକ ଅନ୍ତର୍ଗତ ଖଜୁରିଆ ଗ୍ରାମ ନିକଟସ୍ଥ ଦେବ୍ରିଗଡ଼ ଜଙ୍ଗଲରେ ଏକ ମହାବଳ ବାଘର ଗଳିତ ମୃତଦେହ ଠାବ କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି । ଘଟଣାସ୍ଥଳକୁ ବିଭାଗୀୟ ଅଧିକାରୀମାନେ ଯାଇଛନ୍ତି । ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ । ବାଘଟିର ନଖ, ଦାନ୍ତ କାଟି ନିଆଯାଇଥିବାରୁ ତାକୁ ହତ୍ୟା କରାଯାଇଥିବା ଆଶଙ୍କା କରାଯାଉଛି ।

୭ ଜିଲ୍ଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨୮।୧୦ (ସକାଳ ଖବର): ପଶ୍ଚିମ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଜି ସଂଧ୍ୟାରେ ଲଘୁଚାପରେ ପରିଣତ ହୋଇଛି । ଏହାର ପ୍ରଭାବରେ ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ପ୍ରବଳ ବର୍ଷା ହେବ । ଏହି ବର୍ଷା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଲାଗି ରହିବ । ଏହାକୁ ଦୃଷ୍ଟିରେ ରଖି ସତର୍କ ରହିବା ପାଇଁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଏସଆରସି ପକ୍ଷରୁ ସୂଚନା ଦିଆଯାଇଛି ବୋଲି ଯୁଗ୍ମ କମିଶନର ଶ୍ରୀ ପ୍ରଭାତ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ଏହାର ମୁକାବିଲା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ସେମାନଙ୍କୁ କୁହାଯାଇଛି ।

ଆୟାରଙ୍କ ଦୁଇ ଦିନିଆ ରିମାଣ୍ଡ ଅବଧି ଶେଷ

କୋଣାର୍କ, ୨୮।୧୦ (ସକାଳ ଖବର): କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେବା ମାମଲାରେ ଗତ ୨୬ ତାରିଖ ଠାରୁ କୋଣାର୍କ ପୋଲିସ ରିମାଣ୍ଡରେ ନେଇଥିବା ଅଭିଜିତ୍ ଆୟାର ମିତ୍ରଙ୍କୁ ଗତ ଦୁଇ ଦିନ ଧରି ଜେରା କରିଥିଲା । ତାଙ୍କର ଉତର ସନ୍ତୋଷଜନକ ନଥିଲା ବୋଲି ପୋଲିସର ଉପଲବ୍ଧି ହୋଇଛି । ଆଜି ରିମାଣ୍ଡ ଅବଧି ଶେଷ ପରେ ତାଙ୍କୁ ପୋଲିସର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୁବନେଶ୍ୱର ଏସଡିଜେଏମ୍ କୋର୍ଟ ରେ ହାଜର କରାଯାଇଥିଲା । ପରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ତଥା ନିମାପଡା ସବଜେଲକୁ ପଠାଇ ଦିଆଯାଇଛି । ପ୍ରକାଶ ଥାଉକି, ଅଭିଜିତଙ୍କୁ ରିମାଣ୍ଡରେ ନେବା ପାଇଁ କୋଣାର୍କ ପୋଲିସ ପୂର୍ବରୁ କୋର୍ଟରେ ଆବେଦନ କରିଥିଲା । **(ପୃଷ୍ଠା-୭)**



ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ



ଶୀତ ଆରମ୍ଭରୁ ଚିଲିକାରେ ବିଦେଶୀ ପକ୍ଷୀଙ୍କ ଭିଡ଼ ଜମିଲାଣି

ବିଜେପି ସରକାରକୁ ଆସିଲେ ରାଜ୍ୟରେ କୃଷିଋଣ ଛାଡ କରିବ: ଧର୍ମେନ୍ଦ୍ର

ଭୁବନେଶ୍ୱର/ବାସୁଦେବପୁର, ୨୮।୧୦ (ସକାଳ ଖବର): ୨୦୧୯ ନିର୍ବାଚନରେ ଡବଲ ଇଞ୍ଜିନ ଲାଗିବ । ଭୁବନେଶ୍ୱରରେ ସରକାର ଓ ଦିଲୀରେ ସରକାର ଗଠନ କରିବ ବିଜେପି । ବିଜେପି ସରକାରକୁ ଆସିଲେ କୃଷିଋଣ ଛାଡ କରିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏଥିସହ ବିଜୁ ସ୍ୱାସ୍ଥ୍ୟକଲ୍ୟାଣକୁ ନେଇ ରାଜ୍ୟ ସରକାର ଯେଉଁ ବିଜ୍ଞାପନ ଦେଇଛନ୍ତି ତାହା ଦିନରେ ଲଣ୍ଠନ ଦେଖାଇବା ସଦୃଶ ବୋଲି କହିଛନ୍ତି ଶ୍ରୀ ପ୍ରଧାନ ।

ଆଜି ଭଦ୍ରକର ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ବିଜେପିରେ ଯୋଗଦାନ କରିଥିଲେ । ଏହି ଅବସରରେ ଉଦବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ ଯେ କଂଗ୍ରେସ ଦଳ ରାଜ୍ୟରେ ଅସ୍ତିତ୍ୱ ହରାଇଛି । କଂଗ୍ରେସ ଦଳ ଦିନରେ ବସନ୍ତ ଓ ରାତିରେ ବାସନ୍ତୀ ହେଉଥିବା ହେତୁ କଂଗ୍ରସ ଦଳ ଛାଡୁଛନ୍ତି ନେତାମାନେ । ରାଜ୍ୟରେ ବର୍ତ୍ତମାନ ପିପିପି ମୋଡରେ ଶାସନ ଚାଲିଛି । ଜଣେ ଖଣି ବେପାରୀ, ଜଣେ ସରକାରୀ ଅଧିକାରୀ ଯେ ବଡଗୁମାସ୍ତା ଓ କଂଗ୍ରେସ ଓ ବିଜେଡିର ଦୁଇଜଣ ପି ନାମ ଧାରୀ ନେତା ଓଡିଆ ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରିବା ପାଇଁ ଉଦ୍ୟମ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ରାଜ୍ୟରେ ଚାଲିଛି ଚିଟଫଣ୍ଡ ନାଏକଙ୍କ ସରକାର । ମୁଖ୍ୟମନ୍ତ୍ରୀ ମହାଶୟ କହିବେ କି ସରୋଜ ସାହୁ କିଏ? ଶାସକ ଦଳର ମନ୍ତ୍ରୀ, ବିଧାୟକଙ୍କ ଘରେ ଚିଟଫଣ୍ଡର ଚେର ପହଁଚିଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ୨୦୧୯ ମସିହାରୁ ପରିବର୍ତ୍ତନ ବାସୁଦେବପୁରରେ ହେବ । ରାଜ୍ୟରେ ଅପାରଗ, ସ୍ଥାଣୁ, ବ୍ୟଭିଚାର ମିଛୁଆ ସରକାର ଚାଲିଛି । ରାଜ୍ୟରେ ଯୁବକ ମାନଙ୍କ ଅବସ୍ଥା ଭଲ ନାହିଁ । ସ୍ୱାସ୍ଥ୍ୟସେବା, ପିଇବାପାଣି ମିଳୁନି, ୨୪ ଘଂଟିଆ ବିଜୁଳି ସେବା ନାହିଁ । ବିଜେପି ସରକାରକୁ ଆସିଲେ ରାଜ୍ୟରେ କୃଷିଋଣ ଛାଡ ହେବ । ରାଜ୍ୟରେ ଅପାରଗ ସରକାର ଚାଲିଛି । ଓଡିଆ ଲୋକଙ୍କ ପ୍ରତି କେତେ ପ୍ରତିବଦ୍ଧତା ଅଛି ତାର ତର୍ଜମା କରିବାର ଆବଶ୍ୟକତା ଅଛି । ଏ ସରକାରଙ୍କୁ ସ୍ଥାଣୁ, ଅପାରଗ, କ୍ଲୀବ କହିଲେ କଷ୍ଟ ହେଉଛି । ଯାହାଫଳରେ ସେମାନେ ଗାଳିମନ୍ଦ, ମାରପିଟ ପ୍ରତିପକ୍ଷ ଲୋକଙ୍କୁ କରୁଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆୟୁଷ୍ମାନ ଯୋଜନା ଭାରତର ସବୁଠାରୁ ବଡ ସ୍ୱାସ୍ଥ୍ୟସେବା ଯୋଜନା । ବଡବଡ ବେମାରୀ ପାଇଁ ୫ଲକ୍ଷ ପର୍ଯ୍ୟନ୍ତ ସହାୟତା ସବୁଠି ମିଳିପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ଆସିଥିଲେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ଏହି ଯୋଜନାରେ ସାମିଲ ହେବାପାଇଁ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାରେ ୨ ମାସରେ ୧ କୋଟି ଲୋକଙ୍କୁ ସ୍ୱାସ୍ଥ୍ୟସେବା ପହଁଚିଥିବା କଥା ରାଜ୍ୟ ସରକାର ବିଜ୍ଞାପନ ଦେଇଛନ୍ତି । ବିଜ୍ଞାପନଟି ସତ ହେଲେ କଥା ଟି ମିଛ । ୨୦୧୬-୧୭ ଇକୋନମିକ ସର୍ଭେ ରିପୋର୍ଟରେ ରାଜ୍ୟ ସରକାର ଜ୍ୱର, କାଶ ଓ ପେଟବ୍ୟଥା ପରି ଚିକିତ୍ସା ପାଇଁ ଓଡିଶାରେ ବର୍ଷତମାମ ୧୨ ଲକ୍ଷ ଯାଏଁ ଲୋକ ସ୍ୱାସ୍ଥ୍ୟ ସେବାପାଇଥିବା ଉଲ୍ଲେଖ କରିଛନ୍ତି । ୨୦୧୭-୧୮ର ହିସାବ ଦେଇନାହାନ୍ତି । ଯଦି ୧୫ ଲକ୍ଷ ପରିବାରର ୪ ଜଣ ଲେଖାଁଏ ଚିକିତ୍ସିତ ହୋଇଥିବେ ଏହି ସଂଖ୍ୟା ୬୦ ଲକ୍ଷ ହୋଇପାରିବ । କିନ୍ତୁ ୧ କୋଟିର ଯେଉଁ ହିସାବ ଦିଆଯାଇଛି ତା ଦିନରେ ଲଣ୍ଠନ ଦେଖାଇବା ସଦୃଶ । ସେ ଯେଉଁ ହିସାବ ଦେଉଛି ତାହା ରାଜ୍ୟ ସରକାରଙ୍କ ହିସାବ । ଯଦି ଏହାକୁ କିଏ ଭୁଲ ପ୍ରମାଣିତ କରିଦେବ ତାହାହେଲେ ଧର୍ମେନ୍ଦ୍ର ପ୍ରଧାନ ଯୋଡହସ୍ତରେ ଭୁଲ ମାଗିବ । ସେହିପରି ରାଜ୍ୟ ବାହାରେ ଓଡିଆ ଲୋକମାନେ ଅଛନ୍ତି ସେମାନେ ସ୍ୱାସ୍ଥ୍ୟସେବା ପାଇପାରିବେ ନାହିଁ । ସୁରଟରେ କେଉଁ ମେଡିକାଲ ସହ ରାଜ୍ୟ ସରକାର ଅନୁବନ୍ଧିତ ହୋଇଛନ୍ତି ଏହାକୁ ସେ ପ୍ରଶ୍ନ କରିଛନ୍ତି । **(ପୃଷ୍ଠା-୭)**

ହୁଣ୍ଡିର ଆୟ (୭.୧୦.୧୮)
୩,୧୨,୧୮୦

ଆଜିଠୁ ସୁପ୍ରିମକୋର୍ଟରେ ଅଯୋଧ୍ୟାର ବିବାଦର ଶୁଣାଣି

ନୂଆଦିଲ୍ଲୀ, ୨୮।୧୦ : ସୁପ୍ରିମକୋର୍ଟରେ ସୋମବାରଠୁ ଦେଶର ସବୁଠୁ ବଡ଼ ପୁରାତନ ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରି ମସଜିଦ ବିବାଦର ଶୁଣାଣି ଆରମ୍ଭ ହେବାକୁ ଯାଉଛି । ଅଯୋଧ୍ୟାରେ ରାମ ଜନ୍ମଭୂମି-ବାବ୍ରି ମସଜିଦ ଉପରେ ଥିବା ୨.୭୭ ଏକରର ଜମିକୁ ନେଇ ହିନ୍ଦୁ ଓ ମୁସଲିମଙ୍କ ମଧ୍ୟରେ ଜାରି ବିବାଦ ଉପରେ ସୁପ୍ରିମକୋର୍ଟରେ ହେବାକୁ ଥିବା ଶୁଣାଣି ଉପରେ ଏବେ ପୂରା ଦେଶର ନଜର ରହିଛି । ଆଉ ଏହି ପ୍ରସଙ୍ଗ ୨୦୧୯ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବା ସହିତ ଏକ ବଡ଼ ର୍ନିବାଚନୀ ପ୍ରସଙ୍ଗ ମଧ୍ୟ ହେବାକୁ ଯାଉଛି । ସୋମବାର ମୁଖ୍ୟ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇ, ଜଷ୍ଟିସ ସଞ୍ଜୟ କିସାନ ପାଉଲ ଓ ଜଷ୍ଟିସ କେ ଏମ ଯୋଶେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୧୦ରେ ଆହ୍ଲାବାଦ ହାଇକୋର୍ଟ ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରି ମସଜିଦ ଉପରେ ଦେଇଥିବା ଶୁଣାଣିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାୟର ଅନେକ ଯାଚିକା ଉପରେ ଶୁଣାଣି କରିବେ । ରାମ ମନ୍ଦିର ପାଇଁ ହୋଇଥିବା ଥିବା ଆନ୍ଦୋଳନ ସମୟରେ ୧୯୯୨ ଡିସେମ୍ବର ୬ରେ ଅଯୋଧ୍ୟାରେ ବାବ୍ରି ମସଜିଦକୁ ଧ୍ୱଂସ କରାଯାଇଥିଲା । ଏହି ମାମଲାରେ ଅପରାଧିକ କେସ ସହିତ ଦେଓ୍ୱାନୀ ମୋକଦ୍ଦମା ମଧ୍ୟ ଦାୟର ହୋଇଥିଲା । ଟାଇଟଲ ବିବାଦ ସହିତ ସମ୍ବନ୍ଧିତ ମାମଲା ଏବେ ସୁପ୍ରିମକୋର୍ଟରେ ବିଚାରଧୀନ ରହିଛି । ଏହି ମାମଲାରେ ଆହ୍ଲାବାଦ ହାଇକୋର୍ଟ ୨୦୧୦ ସେପ୍ଟେମ୍ବର ୩୦ରେ ର୍ନିଣ୍ଣୟ ଦେଇଥିଲେ । ଏଥିରେ ନ୍ୟାୟାଳୟ ବିବାଦୀୟ ସ୍ଥଳକୁ ତିନି ଭାଗରେ(ହିନ୍ଦୁ, ମୁସଲିମ ଏବଂ ର୍ନିମୋହୀ ଆଖଡ଼ା) ବାଣ୍ଟି ଦେଇଥିଲେ । ଯେଉଁଠି ରାମଲଲାଙ୍କ ମୂର୍ତ୍ତି ରହିଛି ସେହି ଜାଗାକୁ ରାମଲଲା **(ପୃଷ୍ଠା-୭)**

àÿäê¨ f± A¯ÿÓÀÿ{Àÿ Ó±óÔÿ†ÿLÿ Lÿ±¾¿Lÿþ

œÿ±$Ó±Üÿ{Àÿ ¯ÿ{fÝÀÿ fœÿ Ó¸Lÿ ¨'ÿ¾±†ÿ± H þÉ~ ¨¯ÿ

f±¨±œÿ ¨™±œÿþ¦ê É{q± A±{¯ÿZÿ ÓÜÿ†ÿ {þ±'ÿZÿ {Sœÿ ¾±†ÿ±

"¨FLÿB' ¨†ÿÏ± 'ÿ¯ÿÓ D¨àÿ{ä þœÿ þ±Àÿ±$œÿ

ÓœÿÀÿêLÿ Lÿ±¯ÿ LÿÀÿ¯ÿLÿ þš¨{'ÿEÀÿ A±Ó{¯ÿ sZÿàÿ±BfÀÿ sþ

¯ÿ±BLÿ ¨d{Àÿ ™M± {'ÿàÿ± Ý¸Àÿ É±É þ†ÿ, lA f±B SÀÿ†ÿÀÿ

µÿ'ÿLÿ{Àÿ {þÝLÿ±àÿ Lÿ{àÿf ¨†ÿÏ± 'ÿ±¯ÿLÿ ™±þœÿSÀÿ ¯ÿf fœÿ†ÿ± 'ÿÁÿÀÿ Óþ$œÿ

Øxÿ {¯ÿLÿÀÿ {àÿ±Lÿ± ¨†ÿ

¯ÿ{fxÿ ¨äÀÿ fœÿ Ó¸Lÿ ¨'ÿ¾±†ÿ±, Ó±þàÿ {Üÿ{àÿ 3 Üÿf±ÀÿÀÿ E–ÿ Lÿþê

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨±'ÿLÿ : Aþ†ÿÿ Lÿþ±Àÿ þàÿLÿ